# NATIONAL NEWS BULLETIN (ODIA)
## 14 July - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଫ୍ଲାଇଆସ୍‌ର ସୁରକ୍ଷିତ ତଥା ପ୍ରଦୂଷଣ ହ୍ରାସ ଜନିତ ରେଳ ପରିବହନ ନେଇ ସ୍ୱତନ୍ତ୍ର କଣ୍ଟେନର ପ୍ରସ୍ତୁତ ହୋଇଛି, କହିଲେ ରେଳମନ୍ତ୍ରୀ ।
- ହର୍ମୁଜ୍ ପ୍ରଣାଳୀରେ ପଣ୍ୟବାହି ଜାହାଜ ଉପରେ ଆକ୍ରମଣ ଘଟଣାରେ ଇରାନ୍‌ର ଡେପୁଟି ଚିଫ୍ ଅଫ୍ ମିଶନ୍‌କୁ ସମନ ଜାରି କଲେ ସରକାର ।
- ଚଳିତ ଆର୍ଥିକ ବର୍ଷର ଏ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଗତବର୍ଷ ତୁଳନାରେ ୧୬ ଦଶମିକ୍ ୧/୧ ପ୍ରତିଶତ ବୃଦ୍ଧି ।
- ଭାରତ-ମାଳଦ୍ୱୀପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ସଫଳତାର ସହ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ଆଲୋଚନା ।

ଏବଂ

- ଭାରତ-ଇଂଲଣ୍ଡ ପୁରୁଷ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଏଜେବାଷ୍ଟନ୍‌ଠାରେ ଜାରି ।

# ରେଲୱେ-ରିଫର୍ମସ୍

ରେଳବାଇ କ୍ଷେତ୍ରରେ ଏକ ପ୍ରମୁଖ ନୀତିଗତ ସଂସ୍କାର ସମ୍ପର୍କରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଉନ୍ମୁକ୍ତ ରେଳ ୱାଗନ ପରିବର୍ତ୍ତେ ଏଣିକି କଣ୍ଟେନର ମାଧ୍ୟମରେ ଫ୍ଲାଇଆସ୍ ପରିବହନ କରାଯିବ । ଏଥିପାଇଁ ସ୍ୱତନ୍ତ୍ର ଭାବେ ଏହି କଣ୍ଟେନରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ସେ କହିଛନ୍ତି, ଦେଶରେ ବାର୍ଷିକ ପ୍ରାୟ ୩୪୦ ନିୟୁତ ଟନ୍ ଫ୍ଲାଇଆସ୍ ଉତ୍ପାଦିତ ହୋଇଥାଏ । ସିମେଣ୍ଟ ଉତ୍ପାଦନ ଏବଂ ରାସ୍ତା ନିର୍ମାଣରେ ଏହା ଅତ୍ୟନ୍ତ ଉପଯୋଗୀ । ନୂତନ କଣ୍ଟେନର ଆଧାରିତ ବ୍ୟବସ୍ଥା, ଲୋଡ଼ିଂ, ପରିବହନ ଏବଂ ସଂରକ୍ଷଣ ସମୟରେ ଧୂଳି ପ୍ରଦୂଷଣକୁ ହ୍ରାସ କରିପାରିବ । କଣ୍ଟେନର ନୀତି ଅନୁଯାୟୀ ଏଥିପାଇଁ ଏକ ଏକୀକୃତ ଲାଇସେନ୍ସ ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ବୈଷ୍ଣବ ସୂଚନା ପ୍ରଦାନ କରିଛନ୍ତି ।

**VO-1--ASHWINI-VAISHNAV**

ଶ୍ରୀ ବୈଷ୍ଣବ କହିଛନ୍ତି, କଣ୍ଟେନର ମାଧ୍ୟମରେ ଏଣିକି ସାର ପରିବହନକୁ ଅନୁମତି ପ୍ରଦାନ କରାଯିବ । ଦେଶ ବ୍ୟାପି ସାର ପରିବହନ କ୍ଷେତ୍ରରେ ରେଳବାଇର ୮୫ ପ୍ରତିଶତ ଅଂଶ ରହିଛି । କଣ୍ଟେନର ପରିଚାଳନା, ସହଜ ଏବଂ ପ୍ରଦୂଷଣମୁକ୍ତ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ୱାଗନ ପ୍ରସ୍ତୁତି ନେଇ ଡିଜାଇନର କିମ୍ବା ଏ କ୍ଷେତ୍ରର ନିର୍ମାତା ସରକାରଙ୍କୁ ପ୍ରସ୍ତାବ ଦେଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

# ଏମ୍‌ଇଏ ବ୍ରିଫିଂ

ପଶ୍ଚିମ ଏସିଆ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ନିରାପଦ ଏବଂ ଅବାଧ ଜାହାଜ ଚଳାଚଳକୁ ଭାରତ ସମର୍ଥନ କରେ । ଶ୍ରୀ ଜୟସ୍ୱାଲ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ଯାତ୍ରା କରୁଥିବା ଦୁଇଟି ପଣ୍ୟବାହି ଜାହାଜ ଏମ୍.ଟି. ଅଲ୍‌ବହିୟା ଏବଂ ଏମ୍.ଟି. ମୋମ୍ବାସା ଉପରେ ହୋଇଥିବା ଆକ୍ରମଣ ନେଇ ଭାରତ ଚିନ୍ତା ପ୍ରକଟ କରିଛି । ଇରାନ୍‌ର ଡେପୁଟ୍ ଚିଫ୍ ଅଫ୍ ମିଶନ୍‌କୁ ସମନ୍ ଜାରି କରାଯିବା ସେ କହିଛନ୍ତି । ଏହି ଘଟଣାରେ ଜଣେ ଭାରତୀୟଙ୍କର ପ୍ରାଣହାନୀ ହେବା ସହ ଅନେକ ଭାରତୀୟ ନାଗରିକ ଆହତ ହୋଇଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର ଅବସ୍ଥା ଗୁରୁତର ରହିଛି । ଏହି ପ୍ରସଙ୍ଗରେ ଭାରତ ଦୃଢ଼ ନିନ୍ଦା ପ୍ରକାଶ କରିବା ସହ ଯଥାଶୀଘ୍ର ଆକ୍ରମଣ ବନ୍ଦ କରାଯିବା ଉଚିତ୍ ବୋଲି ସେ କହିଛନ୍ତି । ଉତ୍ତେଜନା ହ୍ରାସ କରିବା ସହିତ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଉପରେ ଶ୍ରୀ ଜୟସ୍ୱାଲ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**VO-2-Jaiswal**

ପାକିସ୍ତାନ ଅଧିକୃତ କାଶ୍ମୀର ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ସ୍ଥାନୀୟ ଅଧିବାସୀଙ୍କ ବୈଧ ଅଭିଯୋଗକୁ ସମାଧାନ କରିବା ପରିବର୍ତ୍ତେ ପାକିସ୍ତାନୀ ସୁରକ୍ଷା ବାହିନୀ ସେମାନଙ୍କ ଉପରେ ବଳ ପ୍ରୟୋଗ କରୁଛି । ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା । ଆନ୍ତର୍ଜାତିକ ସମ୍ପ୍ରଦାୟ ଏଭଳି ପଦକ୍ଷେପ ପାଇଁ ପାକିସ୍ତାନକୁ ସମ୍ପୂର୍ଣ୍ଣ ଦାୟି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ଜୟସ୍ୱାଲ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍, ଦକ୍ଷିଣ ଚୀନ୍ ସାଗର ପ୍ରସଙ୍ଗ ଏବଂ କାନାଡ଼ା ନିଜର୍ ପ୍ରସଙ୍ଗରେ କେତେକ ପ୍ରଶ୍ନ ଉପରେ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି ।

## ଇନ୍‌କମ୍ ଟାକ୍ସ-କଲେକ୍‌ସନ୍

ଚଳିତ ଆର୍ଥିକ ବର୍ଷର ଏ ପର୍ଯ୍ୟନ୍ତ ୭ ଲକ୍ଷ ୭୩ ହଜାର କୋଟି ଟଙ୍କାରୁ ଅଧିକ ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯାଇଛି । ଆୟକର ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଗତ ଆର୍ଥିକ ବର୍ଷ ତୁଳନାରେ ଏ କ୍ଷେତ୍ରରେ ୧୬ ଦଶମିକ୍ ୧/୧ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ବର୍ଷର ସଂଗୃହିତ ଟିକସ ମଧ୍ୟରେ ୩ ଲକ୍ଷ ୩୫ ହଜାର କୋଟିରୁ ଅଧିକ କର୍ପୋରେଟ୍ ଟିକସ ଏବଂ ୪ ଲକ୍ଷ ୧୧ ହଜାର କୋଟି ଟଙ୍କା ଅଣ-କର୍ପୋରେଟ୍ ଟିକସ ଅନ୍ତର୍ଭୁକ୍ତ । ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ୧ ଲକ୍ଷ ୨୨ ହଜାର କୋଟି ଟଙ୍କାରୁ

ଅଧିକ ରାଶି ଫେରସ୍ତ କରାଯାଇସାରିଛି । ମୋଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୧୬ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟି ୬ ଲକ୍ଷ ୫୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଶି ସଂଗ୍ରହ କରାଯାଇଛି ।

## ଇଣ୍ଡିଆ-ମାଲଦୀପସ୍

ଭାରତ-ମାଳଦ୍ୱୀପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଥମ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଶେଷ ହୋଇଛି । ଗତ ସପ୍ତାହରେ ଏହି ଆଲୋଚନା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଉଭୟ ପକ୍ଷ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ରହିଛି । ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ସେମାନଙ୍କର ସହମତି ପ୍ରକାଶ କରିଥିବା ମନ୍ତ୍ରଣାଳୟ କହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଏହା ଅଧିକ ବ୍ୟାପକ କରିବ । ଭାରତ ମାଳଦ୍ୱୀପର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ଅଂଶିଦାର ।

ଗତ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୭୭୧ ନିୟୁତ ଆମେରିକୀୟ ଡଲାରରୁ ଅଧିକ ରହିଥିଲା । ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଏହା ୧୩ ଦଶମିକ୍ ୫/୪ ପ୍ରତିଶତ ଅଧିକ । ପ୍ରସ୍ତାବିତ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ସହ ସହଜ ନିବେଶ ଏବଂ ଦ୍ୱିପାକ୍ଷିକ ଆର୍ଥିକ ସହଯୋଗକୁ

ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଏକ ନିରପେକ୍ଷ ପାରସ୍ପରିକ ଉପଯୋଗୀ ନୀତି ଆଧାରିତ ସନ୍ତୁଳିତ ଏବଂ ବ୍ୟାପକ ଚୁକ୍ତିନାମା ପ୍ରସ୍ତୁତ ନେଇ ଉଭୟ ଦେଶ କାର୍ଯ୍ୟ କରୁଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ସିନ୍ଧିଆ-ଇଣ୍ଡିଆ ପୋଷ୍ଟ

ଚଳିତ ଆର୍ଥିକ ବର୍ଷର ଡାକ ବିଭାଗର ପ୍ରଥମ ତ୍ରୈମାସିକ ବ୍ୟବସାୟ ସମୀକ୍ଷା ବୈଠକ ଯୋଗଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିନ୍ଧିଆ କହିଛନ୍ତି, ଏହି ତିନି ମାସ ମଧ୍ୟରେ ଇଣ୍ଡିଆ ପୋଷ୍ଟ ବ୍ୟବସାୟରେ ବ୍ୟାପକ ବୃଦ୍ଧି ଘଟିଛି । ଗତ ବର୍ଷର ପ୍ରଥମ ତ୍ରୈମାସିକ ତୁଳନାରେ ମୋଟ୍ କାରବାର ୨୨ ପ୍ରତିଶତରୁ ଅଧିକ ହୋଇଛି । ରାଜସ୍ୱ ଆଦାୟ ୧୩ ହଜାର ୨୧୮ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୫ ହଜାର ୫୦୦ କୋଟି ଟଙ୍କା ହୋଇଛି । ବୈଠକରେ ମୁଖ୍ୟ ପାର୍ସଲ ସେବାର ଆଧୁନିକୀକରଣ ଏବଂ ଆର୍ଥିକ ସମାବେଶୀ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ ନେଇ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି । ନାଗରିକ କୈନ୍ଦ୍ରିକ ଡାକସେବା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ସେ ସୂଚନା ଦେଇଛନ୍ତି । ଇ-କମର୍ସ ପ୍ଲାଟ୍‌ଫର୍ମ ସହ

ସହଭାଗିତା ମାଧ୍ୟମରେ ପାର୍ସଲ୍ ବିତରଣ ଦକ୍ଷତା ବୃଦ୍ଧି ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଶ୍ରୀ ସିନ୍ଧିଆ ସୂଚନା ଦେଇଛନ୍ତି ।

## ମାଣ୍ଡବ୍ୟ-ବ୍ରିକ୍ସ ଫୋରମ୍

କୃତ୍ରିମ ବୁଦ୍ଧିମତା ଏବଂ ରୋବୋଟିକ୍ସ ପ୍ରଯୁକ୍ତିବିଦ୍ୟା ସମଗ୍ର ଦେଶରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି ବୋଲି ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ହାଇଦ୍ରାବାଦ ଠାରେ ଅନୁଷ୍ଠିତ ବ୍ରିକ୍ସ ଟ୍ରେଡ୍ ୟୁନିୟନ୍ ଫୋରମ୍ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ମାଣ୍ଡବ୍ୟ କୃତ୍ରିମ ବୁଦ୍ଧିମତା ଆଧାରିତ କାର୍ଯ୍ୟକ୍ଷେତ୍ର ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିପାରିବ ବୋଲି କହିଛନ୍ତି । ଏହି ଅବସରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସାମାଜିକ ସୁରକ୍ଷା ଆଧାରିତ ପଦେକ୍ଷପ ଏବଂ ଦକ୍ଷତା ବିକାଶ ମିଶନ୍ କାର୍ଯ୍ୟକ୍ରମଗୁଡ଼ିକ ଉପରେ ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ ଆଲୋକପାତ କରିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରିବା ଉପରେ ସେ ପରାମର୍ଶ ଦେଇଛନ୍ତି । ଚାକିରି ହରାଇବା ଭୟକୁ ଦୂର କରି ଦକ୍ଷତା ବୃଦ୍ଧି କରିବାକୁ ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ଦକ୍ଷ ଭାରତ ମିଶନ୍ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା ଆଧାରିତ ପାଠ୍ୟକ୍ରମ ପ୍ରଚଳନ ନେଇ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଇ-ଶ୍ରମ ପୋର୍ଟାଲ୍‌ର ସଫଳତା ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏଭଳି ପଦକ୍ଷେପ ଅଣ-ସଂଗଠିତ କ୍ଷେତ୍ର ଶ୍ରମିକଙ୍କୁ ଏକାଠି କରିବା ସହ ସାମାଜିକ ସୁରକ୍ଷାର ସୁଫଳ ପ୍ରଦାନ କରିବାରେ ସହାୟକ ହୋଇପାରିଛି ।

ଆନ୍ତର୍ଜାତିକ କ୍ଷେତ୍ରରେ ଭାରତୀୟ ଶ୍ରମିକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି । ଏହି ଅବସରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗ ଉପରେ ଶ୍ରୀ ମାଣ୍ଡବ୍ୟ ଗୁରୁତ୍ୱ ଦେଇଛନ୍ତି ।

## ଏସ୍‌ସି-ଡବ୍ଲ୍ୟୁବି

ପଶ୍ଚିମବଙ୍ଗରେ ଅନ୍ୟାନ୍ୟ ପଛୁଆବର୍ଗ ତାଲିକାରେ ୭୭ଟି ସମ୍ପ୍ରଦାୟର ଅନ୍ତର୍ଭୁକ୍ତିକୁ ରଦ୍ଦ କରିଥିବା କଲିକତା ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ ଆଗତ ମାମଲାକୁ ପ୍ରତ୍ୟାହାର କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠରେ ଏହି ମାମଲା ପ୍ରତ୍ୟାହାର ନେଇ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟା

ଆବେଦନ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ପଛୁଆବର୍ଗ କମିଶନ୍‌ଙ୍କ ପକ୍ଷରୁ ଆଗତ ଆବେଦନକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଖଣ୍ଡପୀଠ ଅନୁମତି ପ୍ରଦାନ କରିଛନ୍ତି ।

ସୂଚନା ଯୋଗ୍ୟ ପୂର୍ବତନ ଟି.ଏମ୍.ସି. ସରକାରଙ୍କ ଅଧୀନରେ ୭୭ଟି ସମ୍ପ୍ରଦାୟକୁ ଓ.ବି.ସି. ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ କଲିକତା ହାଇକୋର୍ଟ୍ ରଦ୍ଦ କରିଥିଲେ । ଏହା ବିରୁଦ୍ଧରେ ପଶ୍ଚିମବଙ୍ଗ ସରକାର ସୁପ୍ରିମ୍‌କୋର୍ଟ୍‌ରେ ପିଟିସନ୍ ଦାଖଲ କରିଥିଲେ ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ପୁରୁଷ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ମିଂହମ୍‌ର ଏଜ୍‌ବାଷ୍ଟନ୍ ଠାରେ ଜାରି ରହିଛି । ଭାରତ ସମ୍ମୁଖରେ ୨୫୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଇଂଲଣ୍ଡ । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ୪୭ ଓଭର ୫ଟି ବଲ୍‌ରେ ଇଂଲଣ୍ଡ ସମସ୍ତ ୱିକେଟ୍ ହରାଇ ୨୫୮ରନ୍ ସଂଗ୍ରହ କରିଛି ।